## କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତଭଣ୍ଡାର ଅଚଳ ଘଟଣା

# ବଢୁଛି ଅସନ୍ତୋଷ; ଆନ୍ଦୋଳନ ଚେତାବନୀ



କଣ୍ଟାବାଞ୍ଜି,୫।୪(ସମିସ)

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଡାକ୍ତରଖାନା ପରିସରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରର ୨ମାସ ହେଲା ଲାଇସେନ୍ସ ନବୀକରଣ ହୋଇ ନ ଥିବା ଯୋଗୁଁ ରକ୍ତଭଣ୍ଡାର ଅଚଳ ହୋଇଥିବାରୁ ଧୀରେ ଧୀରେ ଜନ ଆନ୍ଦୋଳନ ଦାନା ବାନ୍ଧୁଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲାରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରତିନିଧିତ୍ୱ କରୁଥିବା ବେଳେ ଆଜି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାର ଗୋଟିଏ ପ୍ରମୁଖ କଣ୍ଟାବାଞ୍ଜି ଡାକ୍ତରଖାନାର ରକ୍ତ ଭଣ୍ଡାର୨ମାସ ହେଲା ଅଚଳ ହୋଇ ଲାଇସେନ୍ସ ନବୀକରଣ ହେବା ଏକ ଚିନ୍ତାର ବିଷୟ ହୋଇଛି। ରାଜ୍ୟରେ ବିଜେପି ସେତେବେଳେ ସେ ଲୋକଙ୍କ ସରକାର କହି ଭାଷଣ ଉପରେ ଭାଷଣ ମାରୁଛନ୍ତି, ସେହି ଲୋକଙ୍କ ସରକାର ଶାସନ ସମୟରେ ରକ୍ତ ଭଣ୍ଡାର ଅଚଳ ଯୋଗୁଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି।

ସେହି ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପଡ଼ୋଶୀ ନିର୍ବାଚନ ମଣ୍ଡଳୀ ହେଉଛି କଣ୍ଟାବାଞ୍ଜି। ସେଠାରେ ରକ୍ତ ଭଣ୍ଡାର ପାଇଁ ଏତେ ବଡ଼ ସମସ୍ୟା ଦେଖା ଦେଉଥିବାବେଳେ ସେ ମଧ୍ୟ ନଜର ନ ଦେଇ ମୁହଁ ମୋଡ଼ି ଦେଉଥିବା ଅଭିଯୋଗ ହେଉଛି। ରକ୍ତ ଭଣ୍ଡାର ଅଚଳ ସମ୍ପର୍କରେ ଶାସନ ଦଳ ନେତାଙ୍କୁ କହିଲେ ନିର୍ବାଚନ ଭଳି ଶ୍ରୀଘ୍ର ଚାଲୁ ହେବ କହି ଜନ ସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ରକ୍ତ ଭଣ୍ଡାର ଲାଇସେନ୍ସ ନବୀକରଣ ପାଇଁ କେନ୍ଦ୍ର ଅନୁମତି ନ ଦେବା ଘଟଣା ଦେଖିବା ପରେ ରାଜ୍ୟ ଶାସନ ଦଳ ନେତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଜନମତ ଉଠୁଁ...



ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିରେ ମଦବିକ୍ରି ଓ ଦାଦନ ଶ୍ରମିକ ଚାଲାଣ କରିବାକୁ ସରକାର ଲାଇସେନ୍ସ ନବୀକରଣ କରୁଛନ୍ତି; କିନ୍ତୁ ରକ୍ତ ଭଣ୍ଡାର ଲାଇସେନ୍ସକୁ କେନ୍ଦ୍ର ସରକାର ନବୀକରଣ ନ କରିବା ଅତି ଦୁଃଖର ବିଷୟ, ଯାହାଫଳରେ ଆମେ ବହୁତ ହଇରାଣ ହେଉଛୁ। ଏହି ଡାକ୍ତରଖାନାରେ ନିର୍ବାଚନ ମଣ୍ଡଳୀ ୩ ଲକ୍ଷ ଲୋକ ନିର୍ଭର କରିଥାନ୍ତି। ମୁଁ ମଧ୍ୟ ମେଡିକାଲ ଅଫିସରଙ୍କୁ କେବେ ଚାଲୁ ହେବ ବୋଲି ପଚାରିବାରୁ ସେମାନେ ଶ୍ରୀଘ୍ର ଚାଲୁ ହେବ କହିଥିଲେ; ହେଲେ ଆଜି ୨ ମାସ ହେଲା ବନ୍ଦ ପଡ଼ିଛି। ସରକାର ଆମ ସମସ୍ୟା ପ୍ରତି ଧ୍ୟାନ ଦେଉନାହିଁ ତେଣୁ କରି ଆମେ ଅଞ୍ଚଳର ଜନ ସାଧାରଣ ଏକ ହୋଇ ବଡ଼ ଧରଣର ଆନ୍ଦୋଳନ କରିବୁ।

ଦେବଦତ୍ତ ମଚ୍ଛଖଣ୍ଡ
(ବରିଷ୍ଠ ସମାଜସେବୀ)



ବହୁଦିନ ହେଲା ରକ୍ତ ଭଣ୍ଡାର ଲାଇସେନ୍ସ ନବୀକରଣ ହେଉନଥିବା ଯୋଗୁଁ ଅନେକ ସମସ୍ୟା ଦେଖିବାକୁ ମିଳୁଛି। ଆମ କୋଶଲିଆ ମାଲି ସମାଜ ପକ୍ଷରୁ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରିଛୁ। ସରକାର ଶ୍ରୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ଅତି ଆବଶ୍ୟକ ଅଟେ। ନଚେତ ଆଗାମୀ ଦିନରେ ଆମେ ବାଧ୍ୟହୋଇ ଆଇନ ଅମାନ୍ୟ ଆନ୍ଦୋଳନ କରିବୁ।

ରାଜୁ ପୁଟେଲ; ଯୁବ ସଭାପତି
କୋଶଲିଆ ମାଲି ସମାଜ



ଏହି ଡାକ୍ତରଖାନାକୁ ଆସୁଥିବା ରୋଗୀ ରକ୍ତହୀନତା ପାଇଁ କାହାର ଜୀବନ ନ ଯାଉ; ସେଥିପାଇଁ ଆମେ ଏହି ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର କରି ରୋଗୀଙ୍କ ମୁହଁରେ ହସ ଫୁଟାଇ ପ୍ରୟାସ କରୁଥିଲୁ କିନ୍ତୁ ରକ୍ତ ଭଣ୍ଡାର ଅଚଳ ହୋଇଥିବା ଯୋଗୁଁ ଏବେ ରକ୍ତହୀନତା ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ମୋହନ ସୁନା: ସମ୍ପାଦକ
ଆମ୍ବେଦକର ଯୁବକ ସଂଘ

# ଶିକ୍ଷୟିତ୍ରୀ ରଶ୍ମୀରାଣୀଙ୍କୁ ନେସନ୍ ବିଲ୍ଡର ସମ୍ମାନ



ବଲାଙ୍ଗିରି,୫।୪(ସମିସ): ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ କଳିଙ୍ଗ ଗୌରବ ଫାଉଣ୍ଡେସନ ଓ ଅନ୍ତର୍ଜାତୀୟ ରୋଟାରୀ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ପୁଇଁନ୍ତଳା ବ୍ଲକ୍ ଅଙ୍କରିଆପଦରସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ରଶ୍ମିରାଣୀ ଦାଶଙ୍କୁ ରାଜ୍ୟସ୍ତରୀୟ ନେସନ୍ ବିଲ୍ଡର ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷାକ୍ଷେତ୍ରରେ ତାଙ୍କ ଅବଦାନ, ସମାଜପ୍ରତି ତ୍ୟାଗ ଓ ସମର୍ପଣ ଭାବ, ପ୍ରାଥମିକ ଚିକିତ୍ସା ତାଲିମଦାତା, ସଡ଼କ ସୁରକ୍ଷା ଅଭିଯାନର ରାଜ୍ୟସ୍ତରୀୟ ରକ୍ଷକ ମାଷ୍ଟର ଟ୍ରେନର ଓ ଶିକ୍ଷାର୍ଥୀଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ ଗର୍ଭନର ରୋଟାରିଆନ ମନୋଜ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ରେଡକ୍ରସ, ଓଡ଼ିଶା ରାଜ୍ୟ ଶାଖାର ଅଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଜିଲ୍ଲା ସଭାପତି ଡ. ଚିଦାତ୍ମିକା ଖୁଣ୍ଟିଆ, କ୍ଲବ ସମ୍ପାଦିକା ସୁନୀତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟରୁ ୩୦ଜଣ ଶିକ୍ଷକ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ପ୍ରକାଶ ଥାଉକି ୨୦୦୩ ମସିହାରେ ଶ୍ରୀମତୀ ଦାଶ ପ୍ରଥମରେ ବୌଦ୍ଧ ଜିଲ୍ଲାର ବହିରା ପ୍ରାଥମିକ ବିଦ୍ୟାଳୟରେ ପରେ ଦେଓଳି ବିଦ୍ୟାଳୟ ରେ ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ। ସେ ମଧ୍ୟ ବିଗତ ଦିନରେ ଶିକ୍ଷକତା ପାଇଁ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇଛନ୍ତି। ତାଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଜିଲ୍ଲାସ୍ତରରେ ତଥା ରାଜ୍ୟସ୍ତରରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ନେସନ ବିଲଡର ସମ୍ମାନରେ ସମ୍ମାନିତ ହୋଇଥିବାରୁ ଶ୍ରୀମତୀ ଦାଶଙ୍କୁ ଶିକ୍ଷକ, ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ମେହେଫିଲ୍’ ପକ୍ଷରୁ ୫୦ ୟୁନିଟ ରକ୍ତ ସଂଗ୍ରହ

ବଲାଙ୍ଗିର,୫।୪(ସମିସ): ଦିନକୁ ଦିନ ଖରା ବଢ଼ିବାରେ ଲାଗିଛି। ତାହାସହ ବଲାଙ୍ଗିର ରକ୍ତ ଭଣ୍ଡାର ଉପରେ ପ୍ରାୟ ତିନୋଟି ଜିଲ୍ଲାର ରୋଗୀ ନିର୍ଭର କରୁଛନ୍ତି। ଏହାକୁ ଆଖି ଆଗରେ ରଖି ବଲାଙ୍ଗିର ସହର ସ୍ଥିତ ମେହେଫିଲ ରେଷ୍ଟୁରାଣ୍ଟ ଓ ସାମାଜିକ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ସ୍ଥାନୀୟ ମେହେଫିଲ ରେଷ୍ଟୁରାଣ୍ଟରେ ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ କ୍ଷୀରୋଦ୍ର ମିଶ୍ରଙ୍କ ସ୍ମୃତିରେ ଆୟୋଜିତ ରକ୍ତଦାନ ଶିବିରକୁ ପୌରାଧକ୍ଷା ଲିକା ସାହୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ଅଖିଳ ହୋତା, ଜିଲ୍ଲା ଓକିଲ ସଙ୍ଘ ର ସଭାପତି ବାସୁ ରଥ ଯୋଗଦେଇଥିଲେ। ଆୟୋଜିତ ସଚେତନତା ସଭାକୁ ସୋମନାଥ ମିଶ୍ର ସଂଯୋଜନା କରିଥିବାବେଳେ ମେହେଫିଲର ମୁଖ୍ୟ ସୁଧାଂଶୁ ଶେଖର ମିଶ୍ର ମଞ୍ଚାସୀନ ଥିଲେ। ଏହି ଶିବିରରେ



ବଲାଙ୍ଗିର କଲେଜ ଅଫ ନର୍ସିଂର ଛାତ୍ରଛାତ୍ରୀମାନେ ପ୍ରମୁଖ ଭୂମିକା ନେଇଥିବା ବେଳେ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ, ସ୍ୱେଚ୍ଛାସେବୀ ସଂଗଠନ, ସମଲେଇ ମନ୍ଦିର ଆଳତୀ କମିଟି, ସ୍ୱାଭିମାନ ପରିବାର, ଅନ୍ ଫିଟନେସ, ଜେଭିଆର ପବ୍ଲିକ ସ୍କୁଲ, ଟିନଟୋ କେଫେ, ଦ ସ୍କିଲ ସ୍କୁଲର କର୍ମକର୍ତ୍ତା ରକ୍ତଦାନ କରିଥିଲେ। ସୁଧାଂଶୁ ମିଶ୍ର, ତପସ୍ୱିନୀ ମହାପାତ୍ର, ଗୋବିନ୍ଦ ଶତପଥୀ, ଅନୀଲ ନାଏକ, ପ୍ରମିତ ବଢ଼ିଆ, ଶ୍ରୀପତି ସିଂ, ସୁନୀଲ ନାଏକ, ସୁଦାମ ସାହୁ, ଗୋକୁଳା ମିଶ୍ର, ବନବିହାରୀ ମିଶ୍ର, ସ୍ୱସ୍ତିକ ମିଶ୍ର, କଲ୍ୟାଣୀ ନନ୍ଦ, ରାଜା ନନ୍ଦ, ସୁମନ ଉଦ୍‌ଗାତା, ଅରବିନ୍ଦ ସମେତ ୫୦ ଜଣ ରକ୍ତଦାନ କରିଥିଲେ। ଏହି ଶିବିରକୁ ନେହା କର, ସୋମ୍ୟା ପ୍ରିୟଦର୍ଶିନୀ, ଦିପ୍ତିମୟୀ ବାଗ, ଅଂଶୁମାନ ନନ୍ଦ, ବୁଲୁ ମହାକୁର, ମୁକେଶ ପଧାନ, କନ୍ଦର୍ପ ରଣା, ବ୍ୟାସଦେବ ନନ୍ଦ, ଶିବପ୍ରସାଦ ସିଂ, ପ୍ରଭାତ ମହାନ୍ତି, ଗୋବିନ୍ଦ ଶତପଥୀ, ବିକାଶ ସା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର ଡା. ଅଶୋକ ମିଶ୍ର, ସେକ୍ ଅସରଫ୍, ଜ୍ୟୋତିର୍ମୟୀ ନାଏକ, ସ୍ୱାଗତିକା ରାଉଲ, ସୁଶୀଲ ସୁନା ରକ୍ତ ସଂଗ୍ରହ କରିଥିଲେ।

# ସାବିତ୍ରୀ ବାଇ ଓ ଜ୍ୟୋତିରାଓ ଫୁଲେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବଲାଙ୍ଗିର,୫।୪(ସମିସ) : ଅନେକ ବାଧାବିଘ୍ନ ସତ୍ତ୍ୱେ ଦୃଢ଼ମନା ସାବିତ୍ରୀ ବାଇ ଫୁଲେ ତାଙ୍କ ଇଚ୍ଛା ଶକ୍ତି ଓ ତାଙ୍କ ସ୍ୱାମୀଙ୍କ ପ୍ରେରଣା ପାଇ ସେ ଦେଶରେ ମହିଳାମାନଙ୍କ ଶିକ୍ଷା ଗ୍ରହଣରେ ଯେପରି ଅନୁକୂଳ ପରିବେଶ ସୃଷ୍ଟି ହେବ ସେ ଦିଗରେ ପାଦ ବଢ଼ାଇଥିଲେ। ୧୮୪୮ ମସିହାରେ ପ୍ରଥମ ବାଳିକା ବିଦ୍ୟାଳୟ ଖୋଲିବା ତାଙ୍କର ଏକ ଐତିହାସିକ ମାଇଲଖୁଣ୍ଟ ଥିଲା। ସାବିତ୍ରୀବାଇ ଫୁଲେ ହେଉଛନ୍ତି ନାରୀ ଶିକ୍ଷା ପ୍ରଚାରର ପ୍ରଥମ କର୍ଣ୍ଣଧାର ବୋଲି ରବିବାର ପଶ୍ଚିମ ଓଡିଶା ମହିଳା ସଂଗଠନ ଦ୍ୱାରା ଆୟୋଜିତ ମାତା ସାବିତ୍ରୀ ବାଇ ଫୁଲେ ଏବଂ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଯୁଗଳ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ଅନାବରଣ ପରବର୍ତ୍ତି ସଭାରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ନିଜ ବକ୍ତବ୍ୟରେ କହିଛନ୍ତି। ପଶ୍ଚିମ ଓଡିଶା ମହିଳା ସଂଗଠନର ସଭାନେତ୍ରୀ ସବିତା ନନ୍ଦଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇ କହିଥିଲେ ଆଜିର ନାରୀ ସମାଜ ମାତା ସାବିତ୍ରୀବାଇ ଫୁଲେ ଏବଂ ତାଙ୍କୁ ପ୍ରେରଣା ଯୋଗାଇ ଥିବା ତାଙ୍କ ସ୍ୱାମୀ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ନାରୀ ଶିକ୍ଷାର ପ୍ରସାର ପ୍ରତି ଥିବା ତ୍ୟାଗ, ପରିଶ୍ରମ ଓ ନିଷ୍ଠାରୁ କିଛି ଶିକ୍ଷା କରିବା ଦରକାର। ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ବଲାଙ୍ଗିର ସାଂସଦ ପ୍ରତିନିଧି ଦିନେଶ ଶର୍ମା, ଆଦିବାସୀ ନେତା ସତ୍ୟନାରାୟଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ସମାଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ସଂଗଠନ ତରଫରୁ ସତ୍ୟାନନ୍ଦ ସୁନା, ଜ୍ୟୋତିଷ ମୁଗ୍ରୀ, ସୀତାରାମ କୁମ୍ଭାର, ଯାଜ୍ଞସିନୀ ଦୀପ, ସୀମା ଗଡତ୍ୟା, ପ୍ରେମଶିଳା ସାହୁ, ଅମ୍ବିକା କୁମ୍ଭାର, ବାବାସାହେବ ଆମ୍ବେଦକର କ୍ଲବ, ମଳମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ସୂର୍ଯ୍ୟସୁନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲିଲି ପଟେଲ ଏବଂ ତରଣୀସେନ ଦୀପ ସଂଯୋଜନା କରିଥିବାବେଳେ ସଂଗଠନର ଉପସଭାନେତ୍ରୀ ସବିତା ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ସଇଁତଲା,୫।୪(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଆଜି ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

ଏହି ଅବସରରେ ଗ୍ରାମୀଣ ଅଞ୍ଚଳର ସମଗ୍ର ଉନ୍ନତିକୁ ଲକ୍ଷ୍ୟ କରି ପ୍ରହରୀମଣ୍ଡପ, ପୋଖରୀ ପୁନରୁଦ୍ଧାର ଓ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ଢାଞ୍ଚାଗତ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଲୋକେ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ପାଣି, ରାସ୍ତା ଓ ଅନ୍ୟାନ୍ୟ ସୁବିଧା ସମ୍ବନ୍ଧୀୟ ଦାବି ଉପସ୍ଥାପିତ ହୋଇଥିଲା। ବିଧାୟକ ଶ୍ରୀ ଜୈନ ଲୋକମାନଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣି ଶୀଘ୍ର ସମାଧାନ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ସେ କହିଥିଲେ ଯେ, ଗ୍ରାମୀଣ ଉନ୍ନତି ଓ ମୌଳିକ ସୁବିଧାର ବିକାଶ ପାଇଁ ସରକାର ପ୍ରତିବଦ୍ଧ ଅଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ବ୍ଲକ ପ୍ରତିନିଧି ବିମଳ ଶର୍ମା, ବିଜେପି ବରିଷ୍ଠ ନେତା ସର୍ବେଶ୍ୱର ପାତ୍ର, ମହେନ୍ଦ୍ର ଅମାତଙ୍କ ସମେତ ଶତାଧିକ ବିଜେପି କର୍ମୀ ସାମିଲ ହୋଇଥିଲେ।

# ବିକାଶ ମଞ୍ଚ ସଦସ୍ୟଙ୍କ ତତ୍ପରତା ଯୋଗୁଁ ବର୍ତ୍ତିଲା ଧନଜୀବନ

ମୁରିବାହାଲ,୫।୪ (ସମିସ): ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଗରମ ପବନ ଯୋଗୁଁ ଅଗ୍ନିକାଣ୍ଡର ଆଶଙ୍କା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଆଜି ମୁରିବାହାଲ ବ୍ଲକ୍‌ର ଏକ ସ୍ଥାନୀୟ ଅନୁଷ୍ଠାନ୍ ତଥା ମୁରିବାହାଲ ବିକାଶ ମଞ୍ଚ ସଦସ୍ୟ ମାନଙ୍କ ଉପସ୍ଥିତ ବୁଦ୍ଧି ଓ ତତ୍ପରତା ଯୋଗୁଁ ସମ୍ପୃକ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତଥା ବ୍ଲକ୍ କାର୍ଯ୍ୟାଳୟ ପଛପଟେ ଥିବା ୨ ବିରାଟ ପାଳଗଦା, ଗାଈ ଗୁହାଳ ଓ ଘର ଅଳ୍ପକେ ବର୍ତ୍ତିଯାଇଛି। ସାମାନ୍ୟ ଅସାବଧାନତାରୁ ଏକ ବଡ଼ ଧରଣର ଦୁର୍ଘଟଣା ଘଟିବା ପୂର୍ବରୁ ଏହି ଅନୁଷ୍ଠାନର କର୍ମକର୍ତ୍ତାମାନେ ଏହାକୁ ରୋକିବାରେ ସଫଳ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପରିବେଶ ଶୁଷ୍କ ରହିଥିବା ବେଳେ ମୁରିବାହାଲ ବ୍ଲକ୍ କାର୍ଯ୍ୟାଳୟ ପଛପଟେ ଥିବା ୨ ବଡ଼ ପାଳଗଦା ଓ ଘରଦ୍ୱାର ନିକଟରେ ଆଜି ଅପରାହ୍ନ ୪ ଟା ସମୟରେ ହଠାତ୍ ନିଆଁ ଲାଗିଥିବା ଦେଖାଦେଇଥିଲା। ପବନର ବେଗ ଅଧିକ ଥିବାରୁ ନିଆଁ ଖୁବ୍ ଶୀଘ୍ର ବ୍ୟାପିବାର ଭୟ ଥିଲା। ଠିକ୍ ସେହି ସମୟରେ ମୁରିବାହାଲ ବିକାଶ ମଞ୍ଚର ସଭାପତି ଫାଲଗୁନୀ ହାତୀଙ୍କ ସମେତ ସମ୍ପାଦକ ଥବିର ସା ଏବଂ କୋଷାଧ୍ୟକ୍ଷ ହରିଦାସ ତାଣ୍ଡି ଓ ତାଙ୍କର ସାଥୀମାନେ କୌଣସି କାମରେ ମୁରିବାହାଲ ଷ୍ଟେସନ୍ ପଟୁ ସେହି ବାଟଦେଇ ଯାଉଥିବା ବେଳେ ନିଆଁ ଲାଗି ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ଫଳରେ ସେମାନେ ବିଳମ୍ବ ନକରି ତୁରନ୍ତ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଏନେଇ ଖବର ଦେଇଥିଲେ। ଖବରପାଇ ମୁରିବାହାଲ ଅଗ୍ନିଶମ ବିଭାଗ ପହଞ୍ଚି ସଂଗେସଂଗେ ନିଆଁକୁ ଆୟତ୍ତ କରିଥିଲେ।

ସ୍ଥାନୀୟ ବ୍ଲକ୍‌ର ସଂପୃକ୍ତ ଅନୁଷ୍ଠାନ ଏବଂ ଅଗ୍ନିଶମ ବିଭାଗର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୨ ପାଳଗଦା ରକ୍ଷା ପାଇବା ସହ ନିକଟରେ ଥିବା ଗୁହାଳ ଓ ଘରଗୁଡ଼ିକ ମଧ୍ୟ ସୁରକ୍ଷିତ ରହିଛି।

# ଲିଫ୍ଟ ମାଗିବା ବାହାନାରେ ୪୫ ହଜାର ଲୁଟ୍

ବେଲପଡ଼ା,୫।୪(ସମିସ): ବେଲପଡ଼ା ଥାନା ଧୂମାଭଟା-ପାଟଣାଗଡ଼ ରାସ୍ତାର ଯୁବା ଦର୍ଦାରପାଲି ନିକଟରେ ଲିଫ୍ଟ ମାଗିବା ବାହାନାରେ ବନ୍ଧୁକ ଦେଖାଇ ଜଣେ ଯୁବକଙ୍କଠାରୁ ୪୫ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହେଉଛି। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅଞ୍ଚଳରେ। ବେଲପଡା ଥାନା ଡାହିମାଲ ଗାଁର ଲୋକବନ୍ଧୁ ବୁଢ଼େକ ନାମକ ଜଣେ ଯୁବକ ପାଟଣାଗଡ଼ରୁ ୪୫ ହଜାର ଟଙ୍କା ଉଠାଇ ନିଜ ଗାଁକୁ ଫେରୁଥିବା ବେଳେ କେନ୍ଦୁମୁଣ୍ଡି ଜଙ୍ଗଲ ନିକଟରେ ପ୍ରଥମେ ଜଣେ ଶିଶୁ ହାତ ମାରି ଗାଡ଼ି ଅଟକାଇବାକୁ କହିଥିଲା, ବାଇକ୍ ଆରୋହୀ ଜଣକ ଗାଡ଼ି ଅଟକାଇ ଦେବାରୁ ଜଙ୍ଗଲରେ ଲୁଚିଥିବା ୨ ଜଣ ମୁଖା ପିନ୍ଧା ଯୁବକ ବାହାରି ମୁଣ୍ଡରେ ବନ୍ଧୁକ ରଖି ଧରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହାପରେ ଯୁବକ ଠାରୁ ୪୫ ହଜାର ଟଙ୍କା ଲୁଟ୍ ଫେରାର ମାରିଥିଲେ। ଯୁବକ ଜଣକ ପାଟଣାଗଡ଼ ମେଡିକାଲରେ ଚିକିତ୍ସା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବଲାଙ୍ଗିରରେ ଐତିହ୍ୟ ଗଣଦୌଡ଼




ବଲାଙ୍ଗିର,୫।୪(ସମିସ): ଓଡ଼ିଆ ପକ୍ଷ ଅବସରରେ ଆଜି ବଲାଙ୍ଗିର ଜିଲ୍ଲା ପ୍ରଶାସନଙ୍କ ପରିଚାଳନାରେ ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟ ସଚେତନତା, ଯୁବ ସଶକ୍ତିକରଣ ଓ ସାମୂହିକ ଏକତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଥିଲା। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ ଓ ସାଂସଦ ପ୍ରତିନିଧି ଦିନେଶ ଶର୍ମା ଯୋଗଦାନ କରିଥିଲେ। ଗଣଦୌଡ଼ ସରସ୍ୱତୀ ଶିଶୁ ମନ୍ଦିର କଲେଜ ଛକରୁ ଆରମ୍ଭ ହୋଇ ଆର.ଏନ. ସିଂଦେଓ ସ୍ପୋର୍ଟ୍ସ କୋମ୍ପ୍ଲେକ୍ସ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ପ୍ରକାରର ଗଣଦୌଡ଼ କାର୍ଯ୍ୟକ୍ରମ ଯୁବମାନଙ୍କୁ ସୁସ୍ଥ ଜୀବନଶୈଳୀ ପାଇଁ ପ୍ରେରିତ କରିବା ସହିତ ସମାଜରେ ସାମୂହିକ ଏକତାକୁ ଶକ୍ତିଶାଳୀ କରେ, ସୁସ୍ଥ ଯୁବ, ସୁସ୍ଥ ଜିଲ୍ଲା ସ୍ଲୋଗାନ ସହିତ ସ୍ୱାସ୍ଥ୍ୟ, ସଚେତନତା ଓ ସାମୂହିକ ଦାୟିତ୍ୱର ପରିଚୟ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ହରିଓମ ନାରାୟଣ ଦାସ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେନ୍ଦ୍ର ମାଝୀ, କ୍ରୀଡ଼ା ଛାତ୍ରାବାସ ଅଧୀକ୍ଷକ ପରାସର ବାଗ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଛାତ୍ରଛାତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ବଲାଙ୍ଗିରରେ ‘ନୀତି, ଅନୀତି ଓ ରାଜନୀତି’ ନେଇ ଆଲୋଚନାଚକ୍ର

ବଲାଙ୍ଗିର,୫।୪(ସମିସ)

ସ୍ଥାନୀୟ ଜିଲ୍ଲା ସାମ୍ବାଦିକଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା ସାମ୍ବାଦିକ ସଂଘ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ନୀତି, ଅନୀତି ଓ ରାଜନୀତି ଶୀର୍ଷକ ଆଲୋଚନାଚକ୍ର ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ରବିବାର ଅନୁଷ୍ଠିତ ହୋଇଥିଲା। ଆଲୋଚନା ଚକ୍ରରେ ଅତିଥିଭାବେ ବଲାଙ୍ଗିର ପୋ÷÷ରାଧକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବକ୍ତାଭାବେ ଯୁବନେତା ଭଟଲି ବିଧାୟକ ଇରାଶିସ ଆ.ର୍ଯ୍ୟ, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂହ ସାଲୁଜା, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ତଥା ବକ୍ତାମାନେ ଅଧର୍ମ, ଅନ୍ୟାୟ, ଶୋଷଣ ଦୁର୍ନୀତି ହେଉଛି ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେହିପରି ନୀତି ଦ୍ୱାରା ରାଜନୀତି



ପରିଚାଳିତ ହେଲେ ସମାଜ ଓ ରାଷ୍ଟ୍ରର ମଙ୍ଗଳ ସମ୍ଭବ ହେବ କହିଥିଲେ। ପ୍ରାକ୍ ସ୍ୱାଧୀନତା ଠାରୁ ସାମ୍ପ୍ରତିକ ସମୟ ମଧ୍ୟରେ ନୀତି ଅନୀତି ଓ ରାଜନୀତି କୁ ଅନେକ ଯୁକ୍ତି ଉପସ୍ଥାପନ କରିଥିଲେ ବକ୍ତାମାନେ। ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ସଚେତନ ହେଲେ ପରିବାର ବାଦ ରାଜନୀତିର ବିଲୟ ସମ୍ଭବ, ବିକାଶ ପ୍ରକ୍ରିୟାର ଶେଷ ଧାଡିରେ ଥିବା ବ୍ୟକ୍ତି ପ୍ରଶ୍ନ ଉଥାପନ କଲେ, ରାଜନୀତି ଦୁର୍ନୀତିମୁକ୍ତ ହେଲେ ନୀତି ସମ୍ଭବ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଦୟାନିଧି ସାହୁ, ନବୀନ ପଶାୟତ, ଦୀପକ ସମାଜଦାର, ପ୍ରଭାନଜିତ ସିଂହ ସାଲୁଜା, ସଦାଶିବ ସରାଫ ପ୍ରମୁଖଙ୍କୁ ସ୍ୱର୍ଗତ ଶଙ୍କର ପ୍ରସାଦ ମିଶ୍ର, ସ୍ୱର୍ଗତ ଉତମା ନାଏକ, ସ୍ୱର୍ଗତ ବାଳକୃଷ୍ଣ ହୋତା, ସ୍ୱର୍ଗତ କୈଳାସ ସାହୁ, ସ୍ୱର୍ଗତ ରାମ କୁମାର ଅଗ୍ରୱାଲ ସ୍ମୃତି ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଧାରଣ ସଂପାଦକ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ହରି ନାରାୟଣ ପୂଜାରୀ, ନରେଶ ସାହୁ, ଶରତ ଚନ୍ଦ୍ର ମିଶ୍ର, ଘଟେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁଧୀର ପଣ୍ଡା, ସୁବାସ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ତ୍ରିପାଠୀ, ସଞ୍ଜୟ ବେହେରା, ସଞ୍ଜୟ ନାୟକ, ଅଞ୍ଜନ ପଧାନ, ଦୀଲିପ ମେହେର, ଗୁପ୍ତେଶ୍ୱର ପୃଷ୍ଟି, ଭଗବାନ ମହାନ୍ତି, ବଣ୍ଟି ଅଗ୍ରୱାଲ, ରଶ୍ମୀରଞ୍ଜନ ପୁଟେଲ, ନରେନ୍ଦ୍ର ଭୋଇ, ରମାକାନ୍ତ ପ୍ରଧାନ, ସତ୍ୟପ୍ରିୟ ମିଶ୍ର, ଦୀଲିପ ଭୋଇ, ସଚି ବଗର୍ତ୍ତିଙ୍କ ସମେତ ବୁଦ୍ଧିଜିବୀ ଯୋଗ ଦେଇଥିଲେ। ସଭାପତି ପ୍ରଦୀପ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀରୁ ବାଲି ଚୋରା ଚାଲାଣ

# ଜିଲ୍ଲା ଖଣି ଅଧିକାରୀ, ଏସ୍‌ପି, ସୁବଳୟା ଥାନା ଅଧିକାରୀଙ୍କ ବଦଳି ଦାବି

ବୀରମହାରାଜପୁର,୫।୪(ସମିସ)



## ଆଜି ବୀରମହାରାଜପୁର ବନ୍ଦ

ସୁବର୍ଣ୍ଣପୁର ଜିଲ୍ଲା ଖଣି ଅଧିକାରୀ, ଏସ୍‌ପି ଏବଂ ସୁବଳୟା ଥାନା ଅଧିକାରୀଙ୍କ ବଦଳି ଦାବିରେ ସୋମବାର ବୀରମହାରାଜପୁର ବନ୍ଦ ଡାକରା ଦିଆଯାଇଛି। ସ୍ଥାନୀୟ ଡାକବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲ୍ଲା ଆମ୍ ଆଦମି ପାଟିର ସଭାପତି ପୃଥ୍ୱୀରାଜ ଜଗଦଲା ଏହି ଡାକରା ଦେଇଛନ୍ତି। ବିରାମହରାଜପୁର,ସୁବଳୟା ଅଞ୍ଚଳର ମହାନଦୀ ଦୁର୍ଦୁରା ଘାଟ, କେଉଟିପାଲି ଘାଟ, ହରିହର ଯୋର ବାଗବର, କୃଷ୍ଣପାଲି ଘାଟରୁ ବେଆଇନ ଭାବେ ମାଫିଆ ବାଲି ଚାଲାଣ କରୁଛନ୍ତି।

ଜିଲ୍ଲା ପ୍ରଶାସନ, ଏସ୍‌ପି, ଖଣି ଅଧିକାରୀ, ସୁବଳୟା ଥାନା ଅଧିକାରୀଙ୍କ ସହ ସମ୍ପର୍କ ରଖି ବାଲି ମାଫିଆ ଏହି କାରବାର ଚଳାଇଛନ୍ତି ବୋଲି ସେ ଖୋଲାଖୋଲି ଭାବେ ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ। ମନଇଚ୍ଛା ବାଲି ଚୋରା ଚାଲାଣ ହେଉଥିବାରୁ ମହାନଦୀରୁ ପାଣି ଶୁଖି ଯାଉଛି। କୂଅ, ନଳକୂପ ଉପରେ ଏହାର ପ୍ରଭାବ ପଡୁଛି। ସେହିଭଳି ବାଲି ଚୋରା ଚାଲାଣ ଯୋଗୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି। କେବଳ ବାଲି ଚୋରା ଚାଲାଣ ହେଉନି; ବରଂ ଜଙ୍ଗଲ କାଟି ଏବଂ ପାହାଡ଼ ଫଟାଇ ଧଳା ପଥର ମଧ୍ୟ ଚୋରା ଚାଲାଣ କରାଯାଉଛି। ବାରମ୍ବାର ପ୍ରଶାସନକୁ ଏ ସମ୍ପର୍କରେ ଅଭିଯୋଗ କରି ଆସିଥିଲେ ମଧ୍ୟ ଫଳ ଶୂନ। ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଚୁପ୍ ରହୁଛନ୍ତି। ମାଫିଆଙ୍କ ବିରୋଧରେ ପଦକ୍ଷେପ ନିଆଯାଉନି। ଏହା ହିଁ ସ୍ପଷ୍ଟ କରୁଛି ଯେ, ମାଫିଆଙ୍କ ସହ ଜିଲ୍ଲା ପ୍ରଶାସନର କିଭଳି ସମ୍ପର୍କ ରହିଛି। ସୁବର୍ଣ୍ଣପୁର ଜିଲ୍ଲାରୁ ଏଭଳି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବଦଳି କରିବା ସକାଶେ ଏହି ବଡ଼ ଡାକରା ଦିଆଯାଇଛି। ସୋମବାର ସକାଳ ୬ଟାରୁ ଦିନ ୨ ଟା ପର୍ଯ୍ୟନ୍ତ ବୀରମହାରାଜପୁରର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଦୋକାନ ବଜାର ବନ୍ଦ ରହିବ।

ସେହିଭଳି ଗାଡ଼ି ଚଳାଚଳ ମଧ୍ୟ ବନ୍ଦର ରହିବ। କେବଳ ଜରୁରୀକାଳୀନ ସେବା ଯୋଗାଉଥିବା ଗାଡ଼ି ଚଳାଚଳ କରିପାରିବ ବୋଲି ଶ୍ରୀ ଜଗଦଳା କହିଛନ୍ତି। ବେଳ ଥାଉ ଥାଉ ସଜାଗ ନ ହେଲେ ଭବିଷ୍ୟତରେ ପାଣି ଓ ବାଲି ସଙ୍କଟ ଦେଖାଦେବ। ସେତେବେଳକୁ ଆଉ କିଛି କରିହେବନି। ତେଣୁ ଅଞ୍ଚଳର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ ଏହି ବନ୍ଦଡାକରାକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରି ସଫଳ କରିବାକୁ ସେ ନିବେଦନ କରିଛନ୍ତି। ମହାନଦୀକୁ ସୁରକ୍ଷା କଲେ ଲୋକଙ୍କ ଜୀବନ ରକ୍ଷା ହେବ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସୁରେଶ କଲତା, ରଞ୍ଜନ ମେହେର, ରାଜୁ ଲୁହା, ମାଧବ ମହାକୁର, ଗୋପାଳ ଦାଶ, ଗୋପାଳ ନାଏକ, ସତ୍ୟନାରାୟଣ ରଥ, ଘନଶ୍ୟାମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ନାବାଳକ ମୃତ

**ବୌଦ୍ଧ,୫।୪(ସମିସ):** ବୌଦ୍ଧ ଜିଲ୍ଲାର ହରଭଙ୍ଗା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ଧଳପୁର ପଞ୍ଚାୟତର ସାକୁସିଙ୍ଗା ଗ୍ରାମରେ ସାପ କାମୁଡ଼ାରେ ଜଣେ ୧୧ ବର୍ଷୀୟ ବାଳକର ମୃତ୍ୟୁ ଘଟିଛି। ମୃତକ ହେଲେ ଦିଲୀପ ନାଏକଙ୍କ ପୁତ୍ର ଆଲୋକ ନାଏକ। ସୂଚନା ଅନୁସାରେ, ଗତରାତି ଆଲୋକ ଘରେ ଖାଇ ସାରି ଶୋଇଥିବା ବେଳେ ପ୍ରାୟ ରାତି ୧୧ଟା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସରେ ଶିଶୁଟିଙ୍କୁ ପ୍ରଥମେ ପୁରୁଣାକଟକ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ ବାଳକ ଆଲୋକ ଏକ ଗରିବ ପରିବାରରୁ ଆସିଥିବାରୁ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ସ୍ଥାନୀୟ ଲୋକେ ଓ ଗ୍ରାମବାସୀ ସରକାରଙ୍କ ପକ୍ଷରୁ ଯଥୋଚିତ ସହାୟତା ଦାବି କରିଛନ୍ତି।

# କୃଷ୍ଣଚନ୍ଦ୍ର ନାଏକଙ୍କ ପରଲୋକ

**ତରଭା,୫।୪(ସମିସ):** ତରଭା କୁମ୍ଭାରପଡ଼ାର ବିଶିଷ୍ଟ ଚାଷୀ କୃଷ୍ଣଚନ୍ଦ୍ର ନାଏକ(୮୨)ଙ୍କ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି।



ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଜେମାମଣି, ପୁଅ ଗୋବର୍ଦ୍ଧନ, ସନ୍ତୋଷ, ସର୍ଜନ, ରବି ଝିଅ ଶାନ୍ତିଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ତରଭା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଗୋବର୍ଦ୍ଧନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ କୃଷ୍ଣଚନ୍ଦ୍ର ଜଣେ ଧର୍ମପରାୟଣ ବ୍ୟକ୍ତିଥିଲେ। ତାଙ୍କର ପରଲୋକ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

# ନାରାୟଣନଗର ଶ୍ରୀରାମଲୀଳା: ସତୀଙ୍କ ଲୁହରେ ଜଳୁଛି ଲଙ୍କା

**ଜହ୍ନାପଙ୍କ,୫।୪(ସମିସ):** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଚାଲିଥିବା ଶ୍ରୀରାମଲୀଳା ଉତ୍ସବର ଶନିବାର ରଜନୀରେ ସପ୍ତମ ନାଟକ ସତୀଙ୍କ ଲୁହରେ ଜଳୁଛି ଲଙ୍କା ମଞ୍ଚସ୍ଥ ହୋଇଥିଲା। ବାଳୀ ବଧ ସରିଲା ପରେ ହନୁମାନ ଲଙ୍କାକୁ ଯାଇ ସୀତାଙ୍କୁ ଠାବ କରିବା, ଅଶୋକ ବାଟିକା ଧ୍ୱଂସ କରିବା, ଇନ୍ଦ୍ରଜିତ ଦ୍ୱାରା ହନୁମାନ ବନ୍ଧାହୋଇ ଲଙ୍କାପୁରୀ ପହଞ୍ଚିବା, ହନୁମାନଙ୍କ ଲାଙ୍ଗୁଡ଼ରେ ଅଗ୍ନି ସଂଯୋଗ ଦୃଶ୍ୟ ପରିବେଷଣ କରିଥିଲେ। ଅଗ୍ନି ସଂଯୋଗ ଶେଷରେ ହନୁମାନ ସମଗ୍ର ଲଙ୍କାକୁ ଜାଳି ପୋଡି ଛାରଖାର କରିଦେବା ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଆଜିର ନାଟକରେ ରାମ ଭୂମିକାରେ ବୃନ୍ଦାବନ, ଲକ୍ଷ୍ମଣ-ଗୋପାଳ, ସୀତା- ନକୁଳ,



ସୁଗ୍ରୀବ- ଗୋପାଳ, ହନୁମାନ-ଲିଙ୍ଗରାଜ, ଅଙ୍ଗଦ- ଲକ୍ଷ୍ମଣ, ରାବଣ- ଚେରୁ ମେହେର, ଇନ୍ଦ୍ରଜିତ- ସୁରେନ୍ଦ୍ର, ଅକ୍ଷୟ- ସୁମନ୍ତ, ଜମ୍ବୁମାଳୀ ଭୂମିକାରେ ବିଭୀଷଣ ଅଭିନୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ, ଉଦୟ, ସରଧାକାର, ଟଙ୍କଧର, ଶୀଧେଶ୍ୱର, ଛୁଡାମନି, ସୁଜିତ, ଧନୁ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

ରାମଲୀଳା ସାଂସ୍କୃତିକ ପରିଷଦ ଉପଦେଷ୍ଟା ଭୋଳାଗିରି ସାହୁ, ସମ୍ପାଦକ ଗୋପାଳ ମେହେର, ହରି ମେହେର, ଫକୀର ମେହେର, ବିଜୟ ସାହୁ, ପ୍ରଫୁଲ୍ଲ ମେହେର, କଡ଼କୁ ମେହେର, ରଘୁନାଥ ମେହେର, ଜଗନ୍ନାଥ ସାହୁ, ନେପାଳ ମେହେର, ସହଦେବ ମେହେର, ବୈଶାକୁ ବେହେରା, ବିଜୟ ମେହେର ପ୍ରମୁଖ ସହଯୋଗ କରିଥିଲେ। ଲକ୍ଷ୍ମୀପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜଗତି ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

# ଦଳୀୟ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି




**ବୀରମହାରାଜପୁର,୫।୪(ସମିସ):** ବୀରମହାରାଜପୁରସ୍ଥିତ ମୈତ୍ରୀ ସଦନଠାରେ ବିଜେପି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦଳର ପ୍ରତିଷ୍ଠା ଦିବସକୁ କିପରି ପାଳନ କରାଯିବ ସେ ନେଇ ଦଳର ଜିଲ୍ଲା ସଭାପତି ସୂଚନା ଦେଇଥିଲେ। ଜିଲ୍ଲା ସଭାପତି ବେଣୁଧର ଦାସ, ଜିଲ୍ଲା ଉପସଭାପତି ସତ୍ୟବ୍ରତ ମିଶ୍ର, ଶରତ ମିଶ୍ର, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ସୁମନ୍ତ କୁମାର ଜଗଦଲା, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ; ଦୁଇ ଗିରଫ



**ଡୁଙ୍ଗୁରିପାଲି,୫।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅଧୀନ ରାମପୁର ପୁଲିସକୁ ଆଜି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ପାଟ୍ରୋଲିଂ ସମୟରେ ଚନ୍ଦଲୀ ଛକ ନିକଟରେ ଯାଞ୍ଚ କରୁଥିବା ବେଳେ ପୁଲିସ ଗୋଟିଏ ଗୋରୁ ବୋଝେଇ ପିକଅପ୍‌କୁ ଅଟକାଇଥିଲା। ଗାଡ଼ିରୁ ୪ଟି ଗାଇ ଓ ୨ଟି ବଳଦ ଉଦ୍ଧାର କରାଯାଇଥିଲା। ଏହା ସହ ଘଟଣାସମ୍ପର୍କରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରକ୍ଷିତ କୁମ୍ଭାର (୩୭), ବୌଦ୍ଧ ଜିଲ୍ଲା କଣ୍ଟାମାଲ ଥାନା ଅଧୀନ କୁରୁକୁପା ଗ୍ରାମ ଭୁଜପତି ମହାନନ୍ଦ (୨୧)। ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏନେଇ ରାମପୁର ଥାନାରେ ମାମଲା ରୁଜୁ ହୋଇଛି।

● ୫୮ ବର୍ଷରେ ଖଇରମାଲ ଶ୍ରୀରାମଲୀଳା ମହୋତ୍ସବ

# ଶ୍ରୀରାମମୟ ହୋଇ ପଡ଼ିଛି ସମଗ୍ର ଗ୍ରାମ



**ବୀରମହାରାଜପୁର,୫।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅଧୀନ କେନଝିରିଆପାଲି ପଞ୍ଚାୟତର ଖଇରମାଲରେ ହେଉଥିବା ଶ୍ରୀରାମଲୀଳା ମହୋତ୍ସବ ଚଳିତ ବର୍ଷ ୫୮ ବର୍ଷରେ ପହଞ୍ଚିଛି। ଶ୍ରୀରାମ ନବମୀ ଠାରୁ ଆରମ୍ଭ କରି ହେଉଥିବା ଏହି ଶ୍ରୀରାମ ଲୀଳା ମହୋତ୍ସବ ଦଶ ଦିନ ଧରି ହେବ। ଦିନବେଳା ପ୍ରତ୍ୟହ ପୂଜାର୍ଚ୍ଚନା ସହିତ ରାତିରେ ଶ୍ରୀରାମ ଲୀଳା ନାଟକ ପରିବେଷଣ ହେଉଛି। ଏହି ମହୋତ୍ସବ ପାଇଁ ଖଇରମାଲ ଗ୍ରାମ ଏହି ଦଶ ଦିନ ଧରି ଏକ ପ୍ରକାର ରାମମୟ ପରିବେଶ ହୋଇ ପଡ଼ିଥାଏ।ଗ୍ରାମବାସୀ ଏକ ଜୁଟ ହୋଇ ଏହାକୁ ପାଳନ କରୁଛନ୍ତି। ଏହାର ପରିଚାଳନା ପାଇଁ ସର୍ବ ସମ୍ମତି କ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ପ୍ରତ୍ୟହ ସନ୍ଧ୍ୟା ରେ ପରିବେଷଣ ହେଉଛି ଲୀଳା ନାଟକ। ପ୍ରଥମ ରଜନୀରେ ରାମଙ୍କ ଜନ୍ମରୁ ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ତାଡକା ବଧ, ସୀତା ବିବାହ, ରାମ ବନବାସ, ଭରତ ମିଳନ, ସୀତା ଚୋରି, କୁମ୍ଭକର୍ଣ୍ଣ ବଧ, ତରଣୀ ସେନ ବଧ, ଇନ୍ଦ୍ରଜିତ ବଧ, ରାବଣ ବଧ, ରାମ ରାଜ୍ୟଭିଷେକ ଆଦି ନାଟକ ପରିବେଷଣ କରାଯାଉଛି। ଏଥିରେ ମହାଦେବ ଭୂମିକାରେ ସଞ୍ଜୀବ ପାତ୍ର, ପାର୍ବତୀ - ସୁଦାମ ମହାକୁର, ରାମ - ଚନ୍ଦ୍ରମଣି ବଗର୍ତ୍ତି, ଲକ୍ଷ୍ମଣ - ସୌମିତ୍ରୀ ପଧାନ, ଦଶରଥ - ସୁଦାମ କ୍ଷେତୀ, ସୁମନ୍ତ - ଦଶରଥ ବଗର୍ତ୍ତି, କୈକେୟୀ - ନେତ୍ରମଣୀ ବଗର୍ତ୍ତି, କୌଶଲ୍ୟା - କ୍ଷମାନିଧି ବାଙ୍କ, ମନ୍ଥରା - ଅନ୍ତର୍ଯ୍ୟାମୀ ପଧାନ, ବଶିଷ୍ଠ - ରାତ୍ରମଣୀ ରଣା, ଗୁହକ ଶବର - ସନ୍ତୋଷ କୁମୁରା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ନବଦିନାତ୍ମକ ତୁଳସୀ ରାମାୟଣ ନବାହ୍ନ ପାରାୟଣ



**କଣ୍ଟାମାଲ, ୫।୪ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ଛକ ଶ୍ରୀରାମ ମନ୍ଦିରଠାରେ ନଅ ଦିନଧରି ହେବାକୁଥିବା ତୁଳସୀ ରାମାୟଣ ଓ ନବାହ୍ନ ପାରାୟଣ ଉପଲକ୍ଷେ ଆଜି ସକାଳୁ ମହିଳା ଙ୍କ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଲିଆପାଲି ବନ୍ଧରେ ପଣ୍ଡିତ ସନତ କୁମାର ମିଶ୍ର ଓ ବାଳକୃଷ୍ଣ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମହିଳାମାନେ କଳସରେ ଜଳ ଧରି ଶୋଭାଯାତ୍ରାରେ ଆସି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ସୁଶୀଲ କୁମାର ପାଣିଗ୍ରାହୀ ଓ ପତ୍ନୀ ନମିତା ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ ପୂଜାରେ ସହଯୋଗ କରିଥିଲେ। ମଧୁସୂଦନ ଦାସ ବ୍ୟାସ ଭାବେ ତୁଳସୀ ରାମାୟଣ କଥା ଶୁଣାଇଛନ୍ତି। କମିଟି ସମ୍ପାଦକ ସନ୍ତୋଷ କୁମାର ବିଶିଙ୍କ ସମେତ ବାଳକୃଷ୍ଣ ମିଶ୍ର, ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ, ସଦସ୍ୟ ହରିବନ୍ଧୁ ପୁରୋହିତ, ଜୟ କୁମାର ମହାରଣା, ମନୋଜ କୁମାର ରାଜହଂସ,ଭୀମସେନ ସ୍ୱାଇଁ, ସନ୍ତୋଷ କୁମାର ସାହୁ,ପ୍ରଦୀପ ପ୍ରଧାନ,ଅପର୍ତ୍ତି ପ୍ରଧାନ,ଗୌରାଙ୍ଗ ବଗର୍ତ୍ତୀ,ବାଦଲ ସାହୁଙ୍କ ସମେତ କମିଟିର ସମସ୍ତ ଭକ୍ତବୃନ୍ଦ ସହଯୋଗ କରିଛନ୍ତି।

## ଟ୍ରାନ୍ସଫର୍ମର ଅଚଳ

# ୩ ମାସ ହେଲା ହିନସ୍ତା ଗ୍ରାମବାସୀ

**ବୌଦ୍ଧ,୫।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ବରିଗୁଭା ଗ୍ରାମରେ ଲାଗିଥିବା ୨୫କେଭି ଟ୍ରାନ୍ସଫର୍ମର ଦୀର୍ଘ ୩ମାସ ହେଲାଣି ପୋଡ଼ି ଅଚଳ ଅବସ୍ଥାରେ ପଡ଼ିରହିଛି। ଏହି



ଟ୍ରାନ୍ସଫର୍ମରରୁ ଗ୍ରାମାର ୭୦ପରିବାର ଲୋକେ ବିଦ୍ୟୁତ୍ ପାଇଁ ନିର୍ଭର କରନ୍ତି। ବର୍ତ୍ତମାନ ଜିଲ୍ଲାରେ ପ୍ରବଳଖରା ହେଉଥିବାରୁ ବିଦ୍ୟୁତ୍ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ କିଛି ଦିନ ହେବ ବିଦ୍ୟୁତ ବିଭାଗ ୧୬କେଭି ଟ୍ରାନ୍ସଫର୍ମରରୁ ୭୦ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେଇ ହାତ ଟେକି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହା ଫଳରେ ଲୋକ ଲୋ-ଭୋଲ୍ଟେଜର ସମ୍ମୁଖୀନ ହେଉଛନ୍ତି। ଦିନରେ ପ୍ରବଳ ଖରା ସହ ରାତିରେ ଅସହ୍ୟ ଗୁଳୁଗୁଳି ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଯଥା ଶୀଘ୍ର ନୂତନ ୨୫ କେଭି ଟ୍ରାନ୍ସଫର୍ମ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ତିନି ଦିନିଆ ଆନନ୍ଦ ଅନୁଭୂତି ଶିବିର ଉଦ୍‌ଯାପିତ



**ବୌଦ୍ଧ,୫।୪(ସମିସ):** ବୌଦ୍ଧ ସଦର ଏଏନଏମ ଟ୍ରେନିଂ ସେଣ୍ଟର ସଭାଗୃହରେ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ରବିଶଙ୍କର ଜୀଙ୍କ ଆର୍ଟ ଅଫ ଲିଭିଂ ସଂସ୍ଥା, ବ୍ୟକ୍ତି ବିକାଶ କେନ୍ଦ୍ର ବୌଦ୍ଧ ଶାଖା ତରଫରୁ ତିନି ଦିନିଆ ଆନନ୍ଦ ଅନୁଭୂତି ଶିବିର ଉଦ୍‌ଯାପିତ ହୋଇଯାଇଛି। ଆର୍ଟ ଅଫ୍ ଲିଭିଂର ବରିଷ୍ଠ ଶିକ୍ଷକ ତଥା ବୌଦ୍ଧର ପୂର୍ବତନ ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ମାର୍ଗଦର୍ଶନରେ ବରିଷ୍ଠ ଶିକ୍ଷକ ସତ୍ୟବ୍ରତ ପାଢ଼ୀ ଓ ରାଜଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ। ଶିବିରରେ ଯୋଗ, ପ୍ରାଣାୟମ, ଆସନ ସହିତ ସୁଦର୍ଶନ କ୍ରିୟା ଶିକ୍ଷା ଦ୍ୱାରା ମଣିଷ ଜୀବନରେ ଶାରୀରିକ ସୁସ୍ଥତା ଏବଂ ମାନସିକ ଶାନ୍ତି, ମନରେ ଏକାଗ୍ରତା, ଆତ୍ମ ବିଶ୍ୱାସ, ପାରିବାରିକ ସୁ-ସମ୍ପର୍କରେ ଉନ୍ନତି, ଆଧ୍ୟାତ୍ମିକତାର ବିକାଶ, ଚିନ୍ତାମୁକ୍ତ ଏବଂ ଆନନ୍ଦମୟ ଜୀବନ ବଞ୍ଚିବାର କଳା ଶିଖାଇବା ସହିତ ସାଧାରଣ ମଣିଷ ଜୀବନରେ ଏକ ରୋଗମୁକ୍ତ ଶରୀର ଓ ଚିନ୍ତାମୁକ୍ତ ମନ, ମାନସିକ ଦୁଶ୍ଚିନ୍ତା ଓ ବିଷଦରୁ ମୁକ୍ତି, ମାନସିକ ଉଦ୍‌ବେଗ ଓ ଉତ୍କଣ୍ଠା ରୁ ମୁକ୍ତି, ଅବସାଦ, ଭୟ ଓ ଆଶଙ୍କରୁ ମୁକ୍ତି, ନକରା,କ ଚିନ୍ତାରୁ ମୁକ୍ତି ଇତ୍ୟାଦି ଲାଭ ହେବ ବୋଲି କହିଥିଲେ। ଏହି ଶିବିରରେ ୪୦ରୁ ଅଧିକ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆର୍ଟ ଅଫ୍ ଲିଭିଂ ବୌଦ୍ଧ ଶାଖାର ସ୍ୱେଚ୍ଛାସେବୀ ସୁଜ୍ଞାନ କୁମାର ପାତ୍ର, କୃତ୍ତିବାସ ପଲିଆ, ରିତାକାନ୍ତି ବଳିଆରସିଂ, ସୁନିତା ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ବାଲିଯୋଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

**ବୌଦ୍ଧ,୪।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ରଣ୍ଡିମହୁଲ ପଞ୍ଚାୟତ ଅଧୀନ ବାଲିଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସିଆର୍‌ସିସି ହୃଦାନନ୍ଦ ଦନ୍ତା ଯୋଗ ଦେଇ ଥିବାବେଳେ ପ୍ରଧାନ ଶିକ୍ଷକ ଉଦ୍ଧବ ମହାଳିକ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବରେ ଏସ୍‌ଏମ୍‌ସି ସଭାପତି ଅଶ୍ୱିନୀ କୁମାର ବିଶ୍ୱାଳ, ସାମ୍ବାଦିକ ପୂର୍ଣ୍ଣଚରଣ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ତରଫରୁ ପ୍ରଥମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ସମ୍ବିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରେ ଦୁଇଜଣ ଶିଶୁ ସରସ୍ୱତୀ ଖେତୀ ଓ ସିଦ୍ଧିସ୍ମିତା ବଘାର ଶିଶୁ ବାଟିକାରେ ନାମ ଲେଖାଇଥିଲେ। ପ୍ରଧାନ ଶିକ୍ଷକ ଉଦ୍ଧବ ମହାଳିକ ଓ ସଭାପତି ଅଶ୍ୱିନୀ ବିଶ୍ୱାଳଙ୍କ ଦ୍ୱାରା ଖଡ଼ିଛୁଆଁ ହୋଇଥିଲା।



# ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼







**ତରଭା,୫।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଐତିହାସିକ ଗଣଦୌଡ଼ ରବିବାର ଆୟୋଜିତ ହୋଇଯାଇଛି। ଏହି ଦୌଡ଼ ନଳିନୀ ଛକ, ବିଜୁ ପଟ୍ଟନାୟକ ଛକ, ମସଜିଦ ଛକ ଓ କୋର୍ଟ ଛକ ଦେଇ ସହର ପରିକ୍ରମା କରି ସୋନପୁର ମହାବିଦ୍ୟାଳୟରେ ସକାଳ ୮.୩୦ରେ ଉଦଯାପିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଓ ସୋନପୁର ପୌରପାଳିକା ଅଧ୍ୟକ୍ଷା ତାମସୀ ତମସ୍ମିତା ନାଏକ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ପରିଚାଳନା କରିଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିନରେ ଆୟୋଜିତ ଏହି ଗଣ ଦୌଡ ଲୋକମାନଙ୍କ ମଧ୍ୟରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଗାରିମା ପ୍ରତି ସଚେତନତା ସୃଷ୍ଟି କରିଥିଲା। ଗଣ ଦୌଡ଼ରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ, କୋଶଳ ଉଚ୍ଚ ବିଦ୍ୟାଳୟ, ସରକାରୀ ବହୁବୃତି ଅନୁଷ୍ଠାନ, ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟ, ମହାରାଜା ଉଚ୍ଚ ବିଦ୍ୟାଳୟ, ମହିଳା ଡିଗ୍ରୀ ମହାବିଦ୍ୟାଳୟ, ସୋନପୁର ମହାବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ଏହାଛଡା ସୋନପୁର-ମନମୁଣ୍ଡାର ସ୍ୱଚ୍ଛ ଭାରତ ସଂଗଠନ ମଧ୍ୟ ଗଣ ଦୌଡ଼ରେ ଯୋଗ ଦେଇଥିଲେ।

**ବୌଦ୍ଧ:** ବୌଦ୍ଧ ଜିଲ୍ଲା ପ୍ରଶାସନ ତରଫରୁ ଏକ ଐତିହ୍ୟ ଗଣ ଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ଏହି ସମାରୋହରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଭିଭାବକ, ବରିଷ୍ଠ ନାଗରିକ, ସାମ୍ବାଦିକ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରମୁଖ ଯୋଗଦେଇ ଥିଲେ। ଜିଲ୍ଲାପାଳବିଭୁତି ଭୂଷଣ ନାୟକ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ୟକ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମଟି ଜିଲ୍ଲା ଷ୍ଟାଡିଅମଠାରୁ ଆରମ୍ଭ ହୋଇ ସହରର ୱାର୍ଲେସ ଛକ, ବାଘଘୁଡା ଛକ, ହାତୀଶାଳ ଛକ ଦେଇ ଜିଲ୍ଲା ଷ୍ଟାଡିଅମରେ ସମାପନ ହୋଇଥିଲା।

## ସ୍ୱଳ୍ପ ସଞ୍ଚୟ ଲଟେରୀ ଦେଉନାହାନ୍ତି ରାଜ୍ୟ ସରକାର

# ଡାକଘର ଉପଭୋକ୍ତାଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

**କେସିଙ୍ଗା, ୫।୪(ସମିସ)**

ସାରା ରାଜ୍ୟର ଡାକଘର ଉପଭୋକ୍ତାଙ୍କୁ ପ୍ରୋତ୍ସାହିତ କରିବା ସହିତ ଜନସାଧାରଣ ଙ୍କ ପରିଶ୍ରମର ପଇସା ଅବାଟରେ ନଯାଇ ବଳକା ଟଙ୍କାକୁ ଡାକ ଘରେ ସଞ୍ଚୟ ରଖିବା ପାଇଁ ବିଗତ ବିଜେଡି ସରକାର ଅମଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷକୁ ଥରେ ଡାକଘରେ ଟଙ୍କା ସଞ୍ଚୟ ରଖୁଥିବା ଉପଭୋକ୍ତାଙ୍କ ପାଇଁ ସ୍ୱଳ୍ପସଞ୍ଚୟ ବିଭାଗ ପକ୍ଷରୁ ମାଗଣା ଲଟେରୀର ବ୍ୟବସ୍ଥା କରାଯାଇଥିଲା। ହେଲେ ନୂତନ ବିଜେପି ସରକାର କ୍ଷମତା ଆସିବା ପରେ ଦୁଇ ବର୍ଷ ହେଲାଣି ଉକ୍ତ ସ୍ୱଳ୍ପସଞ୍ଚୟ ଲଟେରୀ ବ୍ୟବସ୍ଥା ବନ୍ଦ ରହିଛି।ସରକାର ଙ୍କୁ ସ୍ୱଳ୍ପ ସଞ୍ଚୟ ବିଭାଗ ଅଧିକାରୀମାନେ ଲଟେରୀ ବିଷୟରେ ଅବଗତ କରାଇ ନାହାନ୍ତି ନା ରାଜ୍ୟ ସରକାର ଜାଣିଶୁଣି ଲଟେରୀ ବିଷୟରେ ଚୁପ ରହିଛନ୍ତି କାହା ପାଖରେ ଖବର ନାହିଁ। ପ୍ରକାଶ ଥାଉକି ବିଜେଡି ସରକାର ଅମଳରେ ସାରା ରାଜ୍ୟରେ ପ୍ରତି ବର୍ଷ ପ୍ରତି ଦୁଇ ହଜାର ଟଙ୍କା ସଞ୍ଚୟ ଉପରେ ଗୋଟିଏ ମାଗଣା ଲଟେରୀ ମିଳିଥିଲା। ଜାନୁୟାରୀ ମାସରୁ ଡିସେମ୍ବର ମାସ ମଧ୍ୟରେ ଯେଉଁ ଉପଭୋକ୍ତା ଯେତିକି ସଞ୍ଚୟ ରଖୁଥିଲା ସେହି ହିସାବରେ ତାକୁ ସେତେ ଖଣ୍ଡ ଲଟେରୀ କୁପନ ମିଳୁଥିଲା ଓ ମାର୍ଚ୍ଚ ମାସ ପରେ ଭଲ ଦିନ ଦେଖି ଭୁବନେଶ୍ୱର ଜୟଦେବ ଭବନ ଠାରେ ଲଟେରୀ ଉଠାଣ କରି ପ୍ରଥମ ପୁରସ୍କାର ରାଶି ୫ ଲକ୍ଷ ଟଙ୍କା, ଦ୍ୱିତୀୟ ପୁରସ୍କାର ରାଶି ୩ ଲକ୍ଷ, ତୃତୀୟ ପୁରସ୍କାର ୨ ଗୋଟି ୧ ଲକ୍ଷ, ଚତୁର୍ଥ ପୁରସ୍କାର ୪ ଜଣଙ୍କୁ ୫୦ ହଜାର ଟଙ୍କା, ପଞ୍ଚମ ପୁରସ୍କାର ୨୦ ଜଣଙ୍କୁ ୨୦ ହଜାର ଟଙ୍କା, ଷଷ୍ଠ ପୁରସ୍କାର ୪ ଶହ ଜଣଙ୍କୁ ୫ ହଜାର ଟଙ୍କା ଏବଂ ସପ୍ତମ ପୁରସ୍କାର ବାବଦରେ ୨ହଜାର ଲୋକଙ୍କୁ ୨ ହଜାର ଟଙ୍କା ଲେଖାଏଁ ଟଙ୍କା ପ୍ରଦାନ କରି ଉପଭୋକ୍ତାଙ୍କୁ ପ୍ରୋତ୍ସାହିତ କରାଯାଉଥିଲା। କିନ୍ତୁ ଦୁଇ ବର୍ଷ ହେଲାଣି ରାଜ୍ୟ ସରକାର ଉପଭୋକ୍ତାଙ୍କୁ ଆଉ ଲଟେରୀ ଦେଉ ନ ଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଡାକ ଘର ଅଭିକର୍ତ୍ତାଙ୍କୁ କୁପନ୍ ବିଷୟରେ ପଚାରି ପଚାରି ମୁଣ୍ଡ ଖରାପ କରୁଥିବା ଶୁଣିବାକୁ ମିଳୁଛି।ଯଥା ଶୀଘ୍ର ବନ୍ଦ ରହିଥିବା ମାଗଣା ଲଟେରୀ ପୁଣିଥରେ ଚାଲୁ କରିବା ପାଇଁ ଉପଭୋକ୍ତାଙ୍କ ସମେତ ଡାକଘର ଅଭିକର୍ତା ମହଲରେ ଦାବି ହେଉଛି।



## ବାର୍ଦ୍ଧକ୍ୟ ଭତ୍ତା ପାଇଁ ସଂଘର୍ଷ

# ୧ ହଜାର ଟଙ୍କା ଭତ୍ତାକୁ ୫ଶହ ଅଟୋ ଭଡ଼ା

**ମ. ରାମପୁର, ୫।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ଡମକର୍ଲାଖୁଣ୍ଟା ପଞ୍ଚାୟତର ଡୁମେରଗୁଡା ଗ୍ରାମର ବୁଡୁ ତାଣ୍ଡି ବୟସ (୭୬)। ପରିବାର କହିଲେ ସ୍ତ୍ରୀ ଓ ସ୍ୱାମୀ। ଦୁଇଜଣଙ୍କ ଭତ୍ତା ଟଙ୍କାରେ ହିଁ ଘର ଚଳେ। ବୁଡୁଙ୍କୁ କୌଣସି ରୋଗରେ ପୀଡିତ ହୋଇ ଦୀର୍ଘ ବର୍ଷ ହେଲା ହେଇଥିବାରୁ ଚାଲିବାରେ ଅକ୍ଷମ। ବହୁବାର ଚିକିତ୍ସା ପାଇଁ ଯାଇଥିଲେ ମଧ୍ୟ ଟଙ୍କା ଅଭାବରୁ ଚିକିତ୍ସା ହୋଇପାରୁ ନାହାନ୍ତି। ସେ ଠିକ ଭାବେ ଛିଡ଼ା ହୋଇ ପାରୁନାହାନ୍ତି। ତାଙ୍କ ସ୍ତ୍ରୀ ଏବେ ତାଙ୍କ ସାହାରା ସାଜିଛନ୍ତି। ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପାଉଥିବାରୁ ଉଠାଇବା ପାଇଁ ମ.ରାମପୁର ବ୍ୟାଙ୍କକୁ ପ୍ରାୟ ୧୦ କିଲୋମିଟର ଯିବାକୁ ପଡୁଛି।ହଜାରେ ଟଙ୍କା ଭତ୍ତାକୁ ମଦନପୁରରାମପୁର ଯିବାକୁ ହେଲେ ଅଟୋ ଖର୍ଚ୍ଚ ୫ଶହ ଟଙ୍କା ଦେବାକୁ ପଡୁଛି। ବାକି ୫ଶହ ଟଙ୍କା ସେଥିରେ ପୁଣି ଏକ ମାସ ଚଳିବା ଓ ନିଜର ଔଷଧ ଖର୍ଚ୍ଚ କରିବା କେତେଯେ କଷ୍ଟ ଦାୟକ ତାହା ଅନୁମେୟ କରିହଉଥିବ। ବହୁବାର ପଞ୍ଚାୟତ ଏବଂ ବ୍ଲକ ଅଧିକାରୀଙ୍କୁ ଭତ୍ତା ଟଙ୍କା ହାତରେ ଦେବା ପାଇଁ ଅନୁରୋଧ କରିଥିଲେ ହଲେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏପରି ବେସାହାରା ନିରୀହ ଗରିବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ବୁଡୁଙ୍କୁ ତୁରନ୍ତ ଭତ୍ତା ଘରକୁ ଯାଇ ହାତରେ ଦେବା ଏବଂ ଅସ୍ତ୍ରୋପଚାର ପାଇଁ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଗଲେ ବୁଡୁ ଉପକୃତ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।



# କଳାହାଣ୍ଡିର ଅଭିଲାଷ ଆଇଆଇଏମ୍ ଟପ୍ପର

**ଭବାନୀପାଟଣା, ୫।୪ (ସମିସ):** ଭବାନୀପାଟଣା ନିବାସୀ ଚନ୍ଦ୍ରଶେଖର ମହାପାତ୍ର ଓ କଲ୍ୟାଣୀ ମହାପାତ୍ରଙ୍କ ପୁଅ ଅଭିଲାଷ ମହାପାତ୍ର ଆଇଆଇଏମ୍ ବୋଧଗୟାରେ ଏମବିଏରେ ଟପ୍ପର ହୋଇଛନ୍ତି। ଅପ୍ରେଲ ୪ ତାରିଖ ବୋଧଗୟା ଆଇଆଇଏମ୍ ପରିସରରେ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ନେସନାଲ ଷ୍ଟକ୍ ଏକ୍ସଚେଞ୍ଜର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ଚୌହାନ ମୁଖ୍ୟଅତିଥି ଓ ବିହାର ବିଧାନ ସଭାର ବାଚସ୍ପତି ପ୍ରେମ କୁମାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ୨୦୨୪- ୨୬ ଏମବିଏ ପାଠ୍ୟକ୍ରମରେ ଅଭିଲାଷ ବୋଧଗୟା ଆଇଆଇଏମ୍‌ର ଟପ୍ପର ହୋଇ ଅତିଥିଙ୍କ ଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଅଭିଲାଷଙ୍କ ସଫଳତା ପାଇଁ ବ୍ରାହ୍ମଣ ସମାଜ କଳାହାଣ୍ଡିର ସଂଗଠନ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଶିକ୍ଷାବିତ୍ ପ୍ରଫେସର ଗୋପବନ୍ଧୁ ବେହେରା, ଡ଼ ତପନ ରଥ, ଡ଼ ଦାଶରଥି ଆଚାର୍ଯ୍ୟ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସମ୍ପାଦକ କୃଷ୍ଣାବତାର ଦେଓ ସମେତ ଜିଲ୍ଲାର ବହୁ ବୁଦ୍ଧିଜୀବୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ଅଭିଲାଷ ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢ଼ିଲିଲେ। ସିବିଏସି ଯୁକ୍ତ ଦୁଇ ବାଣିଜ୍ୟରେ ସେ ଜିଲ୍ଲାର ଟପ୍ପର ହୋଇଥିଲେ ଓ ତାଙ୍କୁ କଳାହାଣ୍ଡି ଉତ୍ସବରେ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସର୍ବ ଭାରତୀୟ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ଆଇଆଇଏମ୍‌ରେ ବିବିଏ ଓ ତାପରେ ଏମବିଏ ଅଧ୍ୟୟନ କରି ଟପ୍ପର ହୋଇଛନ୍ତି।



## ବଢ଼ୁଛି ଖରା; ଖୋଲିନି ଜଳଛତ୍ର

# ପିଇବା ପାଣି ପାଇଁ ପଥିକ ହନ୍ତସନ୍ତ

**ଶଗଡ଼ା, ୫।୪(ସମିସ):** ବଢ଼ୁଥିବା ଖରାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବର୍ଷ ଛକ ସ୍ଥାନ ମାନଙ୍କରେ ପଥିକମାନଙ୍କୁ ଥଣ୍ଡା ପିଇବା ପାଣି ଯୋଗାଇ ଦେବା ଉଦେଶ୍ୟରେ ଜଳଛତ୍ର ଖୋଲା ଯାଉଛି। ପ୍ରତ୍ୟେକ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଛକ ସ୍ଥାନମାନଙ୍କରେ ଜଳଛତ୍ର ଖୋଲି ପଥିକମାନଙ୍କୁ ଥଣ୍ଡା ପାଣି ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା ବ୍ଲକର କୌଣସି ସ୍ଥାନରେ ଜଳଛତ୍ର ଖୋଲା ଯାଇ ନାହିଁ। ବ୍ଲକର ସମସ୍ତ ପଞ୍ଚାୟତର କୌଣସି ସ୍ଥାନରେ ମଧ୍ୟ ଜଳଛତ୍ର ଖୋଲି ନ ଥିବାରୁ ପଥିକମାନେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଖରା ବୃଦ୍ଧି ପାଉ ଥିବା ବେଳେ ବର୍ତ୍ତମାନ ଏପ୍ରିଲ ପ୍ରଥମ ସପ୍ତାହ ଶେଷ ହେବାକୁ ବସିଲାଣି। ଏପ୍ରିଲ ପ୍ରଥମରୁ ଜଳଛତ୍ର ଖୋଲିବାର ସରକାରୀ ନିର୍ଦ୍ଦେଶ ରହି ଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଜଳଛତ୍ର ଖୋଲା ଯାଇ ନଥିବାରୁ ପିଇବା ପାଣି ପାଇଁ ଯାତାୟାତ କରୁଥିବା ଲୋକେ ବହୁତ ହଇରାଣ ହେଉଛନ୍ତି। ପ୍ରଚଣ୍ଡ ଖରା ସାଙ୍ଗକୁ ପଥିକଙ୍କ ପିଇବା ପାଣିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ଲକର ବିଭିନ୍ନ ଛକ ସ୍ଥାନମାନଙ୍କରେ ତୁରନ୍ତି ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି।

# ସିନାପାଲି ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ

**ସିନାପାଲି, ୫।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ବର୍ଷା ସାଙ୍ଗକୁ କୁଆପଥର ମାଡରେ ବ୍ୟାପକ କ୍ଷୟ କ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଛି। ପ୍ରବଳବର୍ଷା ଓ କାଳବୈଶାଖୀ ପ୍ରଭାବରେ ପନିପରିବା ଓ ପାଚିଲା ରବିଧାନ ନଷ୍ଟ ଆଶଙ୍କା ଦେଖାଦେଇଛି। ପ୍ରବଳ ପବନ ସାଙ୍ଗକୁ କୁଆ ପଥର ବର୍ଷା ଯୋଗୁଁ ରାସ୍ତାଘାଟ ବରଫ ଆଚ୍ଛାଦିତ ହୋଇ ପଡ଼ିଥିଲା।



# ବାର୍‌ହା ଆକ୍ରମଣରେ ୪ ଆହତ





**ନୂଆପଡ଼ା, ୫।୪ (ସମିସ):** ନୂଆପଡ଼ା ଜିଲ୍ଲା କେନ୍ଦୁବାହାରା ପଞ୍ଚାୟତର ସିରିଗିଡି, ଜାମୁସାଲେଭଟା ଗାଁରେ ବାରହା ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତିକରି ଚିକିତ୍ସା କରାଯାଉଛି। ଗୁରୁତର ଆହତମାନେ ସମଲେଶ୍ୱରୀ ରାଉତ (୨୨), ପୂର୍ଣ୍ଣିମା ମାଝୀ (୨୫), ହୋମସିଂ ମାଝୀ(୫୫)ଏବଂ ସୁଲୋଚନା ରାଉତ (୫୮)। ରବିବାର ପୂର୍ବାହ୍ନରେ ଏହି ଆହତବ୍ୟକ୍ତି ମାନେ ଗାଁ ନିକଟସ୍ଥ ଜଙ୍ଗଲକୁ ମହୁଲ ଗୋଟେଇବାକୁ ଯାଇଥିବା ବେଳେ ଜଙ୍ଗଲି ବାରହା ହଠାତ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ରହିଥିବା ସୂଚନା ମିଳିଛି। ନୂଆପଡ଼ା ବନବିଭାଗ କର୍ମଚାରୀମାନେ ଡାକ୍ତରଖାନାରେ ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଜଙ୍ଗଲରେ ନିଆଁ ଲିଭାଇବା ବେଳେ ପୋଡ଼ିହୋଇ ୱାଚର୍‌ଙ୍କ ମୃତ୍ୟୁ

**ସିନାପାଲି, ୫।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ରେଞ୍ଜ ବଡ଼ ଦର୍ଲିପଡ଼ା ବିଟ୍ କୁଇଲାଖଲା ନିକଟ ଜଙ୍ଗଲରେ ନିଆଁକୁ ଆୟତ୍ତ କରୁଥିବା ବେଳେ ଜଣେ ୱାଚର ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ୱାଚର ଜଣକ ଧିଙ୍ଗିଆମୁଣ୍ଡା ଗ୍ରାମର ମହେଶ୍ୱର ନାଏକ (୩୦)। ଗତ କିଛିଦିନ ତଳେ କୁଇଲାଖଲା ନିକଟ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ସେହି ନିଆଁକୁ ଆୟତ୍ତ କରିବା ପାଇଁ ଯାଇଥିଲେ। ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତା ଯୋଗୁଁ ମହେଶ୍ୱର ନିଜେ ନିଆଁରେ ଲାଗିଯାଇ ଗୁରୁତ୍ୱର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତ୍ୱର ଅବସ୍ଥାରେ ୱାଚରକୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ୱାଚରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାୟପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି। ସେ ଜଣେ ଗରୀବ ଶ୍ରେଣୀର ହୋଇଥିବା ବେଳେ ବିବାହିତ ହୋଇଥିବାରୁ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନକୁ ସ୍ଥାନୀୟ ଲୋକେ ଦାବୀ କରୁଛନ୍ତି।

# କନକପୁରରୁ ପୁରୀ ସାଇକଲ ଯାତ୍ରା



**ଗୋଲାମୁଣ୍ଡା, ୫।୪(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ପଞ୍ଚାୟତ କନକପୁର ଗ୍ରାମରୁ ପୁରୀ ଅଭିମୁଖେ ସାଇକେଲ ଯାତ୍ରା କରିଥିବା ଦେଖିବାକୁ ମିଳିଛି। ସାଇକଲ ଆରୋହୀ ଜଣକ ଉକ୍ତ ଗ୍ରାମର ପ୍ରଶାନ୍ତ ମାଝୀ ବୟସ( ୧୯ ) ସେ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ମାନସିକ କରିଥିଲେ ତାଙ୍କ ମନସ୍କାମନା ସଫଳତା ନେଇ ସେ ପୁରୀକୁ ସାଇକଲ ଯାତ୍ରା କରିବା ପାଇଁ ନିଷ୍ପତି ନେଇଥିଲେ। ଗତ ୨ ମାର୍ଚ୍ଚ ୨୬ରିଖ ଦିନ ଠାରୁ ସେ ସାଇକେଲ ଯୋଗେ ପୁରୀକୁ ସାଇକଲ ଯାତ୍ରା କରିଛନ୍ତି।

# ନର୍ଲାରେ ଜିଲ୍ଲା ଯାଦବ ମହାସଭାର ବୈଠକ

**ଭବାନୀପାଟଣା, ୫।୪(ସମିସ):** ମାଣ୍ଡେଲସ୍ଥିତ ଯାଦବ ଭବନଠାରେ ରବିବାର ଦିନ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଗତ ମାର୍ଚ୍ଚ ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ୯ମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସମ୍ବନ୍ଧୀୟ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ନବ ନିର୍ବାଚିତ ସାଧାରଣ ସମ୍ପାଦକ ତ୍ରିପୁରା ନାୟକ ଗତ ମହାସଭାର ଆୟ ବ୍ୟୟ ଉପସ୍ଥାପନା କରିଥିଲେ। ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ନବନିର୍ବାଚିତ ସଭାପତି ନୃପରାଜ ଯାଦବ, ଜିଲ୍ଲା ଅଭ୍ୟର୍ଥନା କମିଟି କୋଷାଧ୍ୟକ୍ଷ ରଘୁବୀର ନାଗ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ଗିରିଧାରୀ ଗଉଡ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପସଭାପତି ଯୁଧିଷ୍ଠିର ଗଉଡ, ଜଗଦୀଶ ଯାଦବ, କମଳ ବାଗ ଓ ଅଲେଖ ଚନ୍ଦ୍ର ଗୋପାଳ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଉଡ, କୋଷାଧ୍ୟକ୍ଷ ଅର୍ଜୁନ ଭାଟି, ୮ମ ଯାଦବ ମହାସଭାର ଜିଲ୍ଲା ଯୁବ ଉପସଭାପତି ସୁନୀଲ ଧଙ୍ଗଡ଼ାମାଝୀ, ବରିଷ୍ଠ ଯାଦବ ନେତୃତ୍ୱ ପଙ୍କଜ ଗଉଡ, ଦୁର୍ଲ୍ଲଭ ମାହାର, ଲିଙ୍ଗରାଜ କରୁଆଁ, ମାର୍କଣ୍ଡ ଜାଲ, ଯୁବ ନେତୃତ୍ୱ ଡିଲେଶ କୁମାର ନାଗ, ଦୁର୍ଯ୍ୟୋଧନ ବାଗ, ପିତବାସ ବେହେରାଙ୍କ ସମେତ ସମେତ ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲଟି, ଏନ୍‌ଏସି ସଭାପତି, କର୍ମକର୍ତ୍ତା ଓ ବିଶିଷ୍ଟ ଯାଦବ ନେତୃବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡୁଙ୍ଗୁରିପାଲିରେ ଗଡ଼ିଲା ଶିକ୍ଷା ସଚେତନତା ରଥ

**ଡୁଙ୍ଗୁରିପାଲି, ୫।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଶିକ୍ଷା ସଚେତନତା ରଥ ରାମପୁର କ୍ଲଷ୍ଟର ଠାରୁ ଆରମ୍ଭ ହୋଇ ରାମପୁର ଉଚ୍ଚ ବିଦ୍ୟାଳୟ, ବରିଷ୍ଠ ପ୍ରଧାନ ଶିକ୍ଷକ ହୋସିୟା ଛତ୍ରିୟା ସ୍ୱାଗତ କରିବା ପରେ ରାମପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱନାଥ ମେହେର ପରିଚାଳନା କରିଥିଲେ। ଓ ତତ ସଂଲଗ୍ନ ଗ୍ରାମର ପରିକ୍ରମା ପରେ ରଥ ମାୟାବର୍ହା କ୍ଲଷ୍ଟରରେ ବଡ଼କରଲେ ପହଞ୍ଚି ଥିଲା। ପଣ୍ଡକିଟାଲ ଠାରେ ରଥର ସ୍ୱାଗତ ପାଇଁ ଏବିଇଓ ଗଞ୍ଜାଲୁ ମିର୍ଦ୍ଧା, ଏବିଇଓ ମଲ୍ଲିକ, ସର୍ଗୁଲ ସିଆରସିସି ନୀଳକଣ୍ଠ ନାଏକ ଓ ପଣ୍ଡକିଟାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହେମସାଗର ବାଗ ତଥା ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ। ମାୟାବର୍ହା କ୍ଲଷ୍ଟରରେ ସମସ୍ତ ବିଦ୍ୟାଳୟ ଓ ଗ୍ରାମର ପରିକ୍ରମା କରିଥିଲା। ସମଲେଇଚୁଆଁ ସିଆରସିସି ରାଧେଶ୍ୟାମ ରଥଙ୍କ



ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଗଣ ବ୍ୟାଣ୍ଡ ବାଜା ନେଇ ରଥକୁ ସ୍ୱାଗତ କରିଥିଲେ। ନୋଡାଲ ବିଦ୍ୟାଳୟରେ ରଥ ପହଁଞ୍ଚିବା ପରେ ସେଠାରେ ରଥକୁ ଯଥାବିଧି ସ୍ୱାଗତ କରି ପୂଜା ଅର୍ଚ୍ଚନା କରାଯାଇଥିଲା। ରାମପୁର ସିଆରସିସି ପ୍ରଦୀପ୍ତ କିଶୋର ଦାଶ ଓ ମାୟାବର୍ହା ସିଆରସିସି ସୌରଭ ସାହୁ ସଙ୍ଗୀତ ଓ ନାଚଗୀତ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଶିକ୍ଷକ ସୁଧୀର ଗଡ଼ତିଆ ସଂଯୋଜନା କରିଥିଲେ। ରାମପୁର କ୍ଲଷ୍ଟରରେ ସମସ୍ତ ବିଦ୍ୟାଳୟ ତତ୍ତ୍ୱାବଧାନରେ ଅଇଁଳାସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ସ୍ୱାଗତ କରିଥିଲେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତହସିଲ ଗଡ଼ତିଆ, ପ୍ରଧାନ ଶିକ୍ଷକ ଜୟ ପ୍ରକାଶ ସେଠ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଗ୍ରାମବାସୀ।

## ମ.ରାମପୁର ରାମଲୀଳା ମହୋତ୍ସବ

# ମନ ମୋହିଲା ଆଦ୍ୟକାଣ୍ଡ

**ମ.ରାମପୁର, ୫।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଠାରେ ଶ୍ରୀରାମ ଜୀଉ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରସିଦ୍ଧ ଶ୍ରୀରାମ ଲୀଳା ମହୋତ୍ସବର ପ୍ରଥମ ତଥା ଉଦ୍‌ଘାଟନୀ ରଜନୀରେ ଆଦ୍ୟକାଣ୍ଡ ମଞ୍ଚସ୍ଥ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ ଯୋଗ ଦେଇଥିଲେ। ସଭାପତି ଜୀବେଶ୍ କୁମାର ପଣ୍ଡାଙ୍କ ଅଧକ୍ଷତାରେ ମଞ୍ଚ ପୂଜନ ଓ ଉଦ୍‌ଘାଟନ କରିଥିଲେ ମୁଖ୍ୟ ଅତିଥି ଶ୍ରୀ ସିଂହ ଦେଓ। ଏହି ଅବସରରେ କାନ୍ଦେଗାଁର ବରିଷ୍ଠ କଳାକାର କୁମନ ମାଝୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମାନପତ୍ର ପଠନ କରିଥିଲେ ଅଧ୍ୟାପିକା ଲିପ୍ସା ମୟୀ ଦୁବେ।ମଞ୍ଚ ପରିଚାଳନା କରିଥିଲେ ହେମନ୍ତ ସାହୁ। ବରିଷ୍ଠ ସଦସ୍ୟ ନାରାୟନ ମାହାଲିକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗୁରୁମା ସସ୍ମିତା ଆଚାର୍ଯ୍ୟ ଆଦ୍ୟ କାଣ୍ଡ ରେ ଅଭିନୀତ ହେବାକୁ ଥିବା ଦୃଶ୍ୟମାନଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମଞ୍ଚ ଉଦ୍‌ଘାଟନ ପରେ ସ୍ୱର୍ଗତ ପ୍ରାଧ୍ୟାପକ ଶୈଳେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ, ବୀରେନ୍ଦ୍ର ରଥଙ୍କ ସହ ନିର୍ଦ୍ଦେଶନା ଦାୟିତ୍ୱରେ ଏବଂ ଶ୍ରୀରାମ ଜୀଉ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୀବେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ରାମଲୀଳାର ଆଦ୍ୟ କାଣ୍ଡ ମଞ୍ଚସ୍ଥ ହେଇଥିଲା। ବିଭିନ୍ନ ଭୂମିକା ଯଥା ଦିଲିପ୍ ତ୍ରିପାଠୀ, ଅରୁଣ ହାତୀ, ଅଜିତ ସିଂ, ସୁନୀଲ ବାରିକ, ଶ୍ରୀପତି ପଟ୍ଟନାୟକ, କେଶବ ଦାଣ୍ଡିଆ, ପ୍ରଦୀପ ସିଂ, ବିପ୍ର ମାଝୀ, ସାଇ ପ୍ରସାଦ ମହାରଣା, ବିକାଶ ଆଚାର୍ଯ୍ୟ, ଡମ୍ବରୁ ଧର ଭୋଇ, ବିଶେଶ୍ୱର ମହାନ୍ତି, ଅମନ୍ ରାୟଗୁରୁ, ଶାଶ୍ୱତ ଦଣ୍ଡିଆ, ଅରୁଣ ହାତୀ, ଅକ୍ରୁର ମହାରଣା, ଉପେନ୍ଦ୍ର ମହାଖୁଡ଼, ଦେବେନ୍ଦ୍ର ମହାନ୍ତ, ତନ୍ମୟ ବାମଦେବ ବସନ୍ତ ନାୟକ, ମହେନ୍ଦ୍ର ଭାଏସାଲଓ ନୃତ୍ୟରେ ଆଦ୍ୟାଶା ପୁରୋହିତ, ଅଦ୍ୟାଶା ନାଥ, ଅପରାଜିତା ପାଣି ଜସ୍ମିନ ଜୀବନ୍ତ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ମହେଶ୍ୱର ସାହୁ (ଭୁବନେଶ୍ୱର) ଓ କଣ୍ଠଦାନ କରିଥିଲେ ସନ୍ତୋଷ କୁମାର ଦୂବେ, ଧୀରେନ୍ଦ୍ର ମହାନ୍ତି, ଜଗ ମୋହନ ସାହୁ, ସ୍ମୃତିରେଖା ପାଢ଼ୀ, ଅନୁରାଗ, ମୁସ୍କାନ, ବାଦ୍ୟ ଯନ୍ତ୍ର ରେ ଭାରତ ରାଉତ, ଯୁଧିଷ୍ଠିର ବେହେରା, କାହ୍ନା, ସୁନିଲ ବିଭାର, ପ୍ରଶାନ୍ତ ସାହୁ। ରୂପ ସଜ୍ଜା ଦୀନ ବନ୍ଧୁ ମହାରଣା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟ ରେ ଉପସଭାପତି ଲଳିତ ମହାଲିକ, ବରିଷ୍ଠ ସଦସ୍ୟ ମିହିର୍ କୁମାର ଦୁବେ, ଗଣେଶ ମହାରଣା, ଶରତ ଚନ୍ଦ୍ର ମହାରଣା, ଚିତ୍ତ ରଞ୍ଜନ ବାଗ, ସନାତନ ପଣ୍ଡା, ଚିରାଗ ସିଂହଦେଓ ପ୍ରଦୀପ ସାହାଣୀ, କେଶବ ମାଝୀ, ଧିରେନ୍ ନାୟକ, ମଣ୍ଟୁ ଦୁବେ, କାଳୀ ନାୟକ, ପିଙ୍କୁ ଧଙ୍ଗଡ଼ାମାଝୀ ପ୍ରମୁଖ ସହଯୋଗ କରିଥିଲେ। ରାମଲୀଳା ଆସନ୍ତା ୮ ତାରିଖ ଯାଏଁ ଚାଲିବ ବୋଲି ସାଂସ୍କୃତିକ ସମ୍ପାଦକ ଜୟନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।



## ମହୁଲପଟଣା ଘାଟିରାସ୍ତା ନିର୍ମାଣରେ ଅନିୟମିତତା

# କାମ ନ ସରୁଣୁ ଉଠିଯାଉଛି ପିଚୁ

**ଜୟପାଟଣା, ୫।୪(ସମିସ)**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ବହୁ ପ୍ରତୀକ୍ଷିତ ତଥା ଗୁରୁତ୍ୱପୂର୍ଣ୍ଣ ମହୁଲପଟଣା ଘାଟି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଚର୍ଚ୍ଚା ହେଉଛି। ଉପର ଇନ୍ଦ୍ରାବତୀ ପ୍ରକଳ୍ପ ଅଧୀନରେ ଥିବା ରାସ୍ତା କାମରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ଧରି ଶୋଚନୀୟ ହୋଇ ପଡ଼ିରହିଥିବା ଏହି ୧୩ କିଲୋମିଟର ଘାଟିରାସ୍ତା ପାଇଁ କେପେକ୍ସ ଫଣ୍ଡରୁ ୮ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରଶାସନିକସ୍ତରରେ ଏହାକୁ ୪ଟି ସେକ୍ସନରେ ବିଭକ୍ତ କରାଯାଇ ପ୍ରତି ସେକ୍ସନ ୩୨୦୦ ମିଟର ପାଇଁ ୨ କୋଟି ଟଙ୍କା ଲେଖାଏଁ ବ୍ୟୟ ଅଟକଳ କରାଯାଇଛି। ଇଷ୍ଟିମେଟ୍ ଅନୁସାରେ ୫ ମିଟର ଓସାରର ଏହି ରାସ୍ତାରେ ଡବ୍ଲୁଏମଏମ ସହ ୫୦ଏମଏମର ବିଏମ ଏବଂ ୨୫ ଏମଏମର ଏଚଡିବିସି କାର୍ଯ୍ୟ ହେବା କଥା। ମାତ୍ର କ୍ଷେତ୍ରସ୍ତରରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ନିୟମକୁ ପୁରାପୁରି ଜଳାଞ୍ଜଳି ଦିଆଯାଇଛି। ଠିକାଦାରମାନେ ପୁରୁଣା ରାସ୍ତାକୁ ଖୋଳି ସାମାନ୍ୟ ରୋଲିଂ କରି ଅତି କମ୍ ପରିମାଣର ଡବ୍ଲୁଏମଏମ ଦେଇ ସିଧାସଳଖ ପିଚୁ କାମ କରୁଛନ୍ତି। ଟ୍ୟାଗ୍ କୋଟ୍‌କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ବେଳେ ପିଚୁର ମାନ ଏତେ ନିମ୍ନ ଯେ ନିର୍ମାଣ ଶେଷ ନହେଉଣୁ ରାସ୍ତା ଛାଡ଼ିବାକୁ ବସିଲାଣି। ଏ ନେଇ ଯନ୍ତ୍ରୀକୁ ପଚାରିଲେ ସେ ବିଭିନ୍ନ ପ୍ରକାର ବାହାନା ଦେଖାଇ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା କଥା କହୁଛନ୍ତି। ଏହି ଅଞ୍ଚଳ ଦେଇ ପ୍ରତିଦିନ ଥୁଆମୂଳରାମପୁର, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ହଜାର ହଜାର ଲୋକ ଯାତାୟାତ କରନ୍ତି। ଏଥିସହ ଇନ୍ଦ୍ରାବତୀ ଜଳଭଣ୍ଡାରର ମନୋରମ ଦୃଶ୍ୟ ଦେଖିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ଏହା ଏକମାତ୍ର ଭରସା। କିନ୍ତୁ ବିଭାଗୀୟ ଯନ୍ତ୍ରୀ କେବଳ ଠିକାଦାରଙ୍କୁ ପୋଷିବା ନୀତି ଧରିଥିବାରୁ ଏହି ରାସ୍ତାର ସ୍ଥାୟୀତ୍ୱ ଏବେ ବିପଦରେ। ଏ ସମ୍ପର୍କରେ ଇନ୍ଦ୍ରାବତୀ ପ୍ରକଳ୍ପ ଅଧିକାରୀ ସୋରେନ ବାବୁଙ୍କୁ ପଚାରିଲେ ସେ ସନ୍ତୋଷଜନକ ଉତ୍ତର ନଦେଇ ନାନା ବାହାନା ଦେଖାଉଛନ୍ତି। ବାରମ୍ବାର ଦାବି ଏବଂ ଲାଞ୍ଜିଗଡ଼ ବିଧାୟକଙ୍କ ହସ୍ତକ୍ଷେପ ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଏବେ କାର୍ଯ୍ୟର ମାନ ଦେଖିଲେ ଲୋକେ ନିରାଶ ହୋଇପଡ଼ିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରୁଛୁ ବୋଲି ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଯଦି ତୁରନ୍ତ ବିହିତ ପଦକ୍ଷେପ ନିଆନଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



